# RAF SECTOR
## NEWS CLIP
## 22/03/2023

**TO SERVE HUMANITY WITH SENSITIVE POLICING**

**Prabhat Khabar,Jamshedpur , (JKD)**

# जवानों को तंबाकू से होनी वाली बीमारी के प्रति किया जागरूक



जमशेदपुर. राष्ट्रीय तंबाकू नियंत्रण कार्यक्रम के तहत राष्ट्रीय ओरल हेल्थ माह मनाया जा रहा है. मंगलवार को सुंदरनगर स्थित रैपिड एक्शन फोर्स 106 बटालियन में आयोजित कार्यक्रम में जवानों को तंबाकू से होने वाली बीमारी की जानकारी दी गयी. उपस्थित डॉ कामिनी लत्ता ने कहा कि तंबाकू से लगभग चार हजार बीमारियां उत्पन्न होती है. आज मुंह का कैंसर सबसे ज्यादा हो रहा है. देश में 13-15 वर्ष के 8.5 प्रतिशत छात्र किसी न किसी प्रकार के तंबाकू का उपयोग कर रहे हैं. मौसमी चटर्जी ने बताया कि तंबाकू सेवन से हर साल देश में लगभग 13 लाख लोगों की मौत हो रही है. इससे बच्चों व युवाओं को बचाने की जरूरत है. वहीं कुंदन कुमार ने कहा कि भविष्य की चिंता करते हुए युवाओं व युवाओं को तंबाकू की लत से दूर रखा जाये.

Pragatibadi News, Balasore , (Odisha)

# ରାମନବମୀ ଲାଗି ପୋଲିସର ଫ୍ଲାଗମାର୍ଚ୍ଚ

■ ଭଦ୍ରକ,ତା ୨୧।୩ (ପିଏନଏସ)

ପବିତ୍ର ଶ୍ରୀ ରାମ ନବମୀ ପାଳନ ପୂର୍ବରୁ ଭଦ୍ରକରେ ପୋଲିସର ଫ୍ଲାଗ ମାର୍ଚ୍ଚ ହୋଇଯାଇଛି। ଆସନ୍ତା ୩୦ ତାରିଖ ଦିନ ଭଦ୍ରକ ସହର ରେ ପାଳିତ ହେବାକୁ ଯାଉଥିବା ଶ୍ରୀରାମ ନବମୀ ଏବଂ ବିଶାଳ ନଗର ସଂକୀର୍ତ୍ତନ ଶୋଭାଯାତ୍ରା ପାଇଁ ପୋଲିସର ଏହି ଫ୍ଲାଗ ମାର୍ଚ୍ଚ । ମଙ୍ଗଳବାର ସକାଳେ ଭଦ୍ରକ ପୋଲିସ ସହାୟତାରେ ସହରରେ ପହଞ୍ଚିଥିବା ରାପିଡ଼ ଆକ୍ସନ ଫୋର୍ସ ର ଯବାନଙ୍କ ପକ୍ଷରୁ ଏହି ଫ୍ଲାଗ ମାର୍ଚ୍ଚ କରାଯାଇଛି। ତେବେ ଉତ୍ସବ ପାଳନ ପୂର୍ବରୁ ସହରବାସୀଙ୍କୁ ଭୟଭୀତ ଅଥବା ଉତ୍ତେଜନା ସୃଷ୍ଟି କରିବା ଏହା ଉଦ୍ଦିଷ୍ଟ ନୁହେଁ ବୋଲି ପୋଲିସ ସ୍ପଷ୍ଟ କରିଛି । ମଙ୍ଗଳବାର ସକାଳେ ପୋଲିସର ଏହି ଫ୍ଲାଗ ମାର୍ଚ୍ଚ ଭଦ୍ରକ କଚେରିବଜାର ସହିତ ସଂଖ୍ୟାଲଘୁ ଅଧ୍ୟୁସିତ ପୁରୁଣାବଜାର ଅଞ୍ଚଳରେ କରାଯାଇଛି ।ଅନ୍ୟକ୍ଷରେ ଯେକୌଣସି ଗୁରୁତ୍ୱପୂର୍ଣ୍ଣ ସଭା ଶୋଭାଯାତ୍ରା ଏବଂ ଉତ୍ସବାନୁଷ୍ଠାନ ପୂର୍ବରୁ ପୋଲିସର ଏହା ଏକ ରୁଟିନ କାର୍ଯ୍ୟକ୍ରମ ବୋଲି ପୋଲିସ କହିଛି । ତେଣୁ ଏନେଇ ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଭଦ୍ରକ ସହରାଞ୍ଚଳ ପୋଲିସର ବରିଷ୍ଠ ଅଧିକାରୀ ଏବଂ ଏକ ପ୍ଲାଟୁନ ରାପିଡ଼ ଆକ୍ସନ ଫୋର୍ସ ସହିତ ଭଦ୍ରକ ସହରରେ ଏହି ଫ୍ଲାଗମାର୍ଚ୍ଚ କରାଯାଇଛି । ତେବେ ଉତ୍ସବ ପାଳନ ପୂର୍ବରୁ ଉଭୟ ସମ୍ପ୍ରଦାୟ ଲୋକଙ୍କୁ ନେଇ ଶାନ୍ତିକମିଟି ବୈଠକ ମାଧ୍ୟମରେ ଉତ୍ସବ ସମୟରେ ସହରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ନିବେଦନ କରାଯିବ ବୋଲି ପୋଲିସ କହିଛି ।



■ ସୋର,ତା ୨୧।୩ (ପିଏନଏସ)

ସୋରରେ ଶ୍ରୀରାମନବମୀକୁ ଶାନ୍ତିଶୃଙ୍ଖଳାର ସହିତ ପାଳନ କରାଯିବା ପାଇଁ ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ପକ୍ଷରୁ ସୋରରେ ଫ୍ଲାଗମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥଙ୍କ ନେତୃତ୍ୱରେ ଏହି ଫ୍ଲାଗ ମାର୍ଚ୍ଚ ଅନୁଷ୍ଠିତ ହୋଇଥିଲା। ପୋଲିସର ଏହି ଫ୍ଲାଗମାର୍ଚ୍ଚ ପୌରପାଳିକା ଅନ୍ତର୍ଗତ ଆଶ୍ରମ ଛକ ଠାରୁ ବାହାରି ମେଡ଼ିକାଲ ଛକ,ଅଡ଼ଙ୍ଗବଜାର, ଛତ୍ରପୁର ଓ ବାମିଛକ ଯାଏ ଯାଇ ପୁଣି ସେଠାରୁ ଆଶ୍ରମ ଛକକୁ ଆସିଥିଲା। ଏହି ଫ୍ଲାଗମାର୍ଚ୍ଚରେ ଏସ.ପି ସାଗରିକା ନାଥଙ୍କ ସମେତ ସଦର ଏସଡ଼ିପିଓ ଶଶାଙ୍କ ଶେଖର ବେଉରା,ସୋର ଆଇଆଇସି ସୁଜାତା ଖମାରୀ, ସଦର ଆଇଆଇସି ଜୟନ୍ତ ବେହେରା,ସିମୁଳିଆ ଆଇଆଇସି ଅଜୟ କୁମାର ମୁର୍ମୁ ଙ୍କ ସମେତ ସୋରର ସମସ୍ତ ପୋଲିସ ଅଧିକାରୀ ଓ ରାପିଡ଼ ଆକ୍ସନ ପୋଲିସ ଫୋର୍ସ ସାମିଲ ହୋଇଥିଲେ । ସୋର ବଜାରର ଥିବା ବିଭିନ୍ନ ଉତ୍ତେଜନା ପ୍ରବଣ ଅଞ୍ଚଳ ଗୁଡ଼ିକ ଚିହ୍ନଟ କରାଯାଇ ସେଠାରେ ଫୋର୍ସ ମୁତୟନ କରାଯିବା ସହିତ ଆସନ୍ତା ଶ୍ରୀରାମନବମୀକୁ ଶାନ୍ତିଶୃଙ୍ଖଳାର ସହିତ ସମାପନ କରିବାକୁ ଉଚିତ ପଦକ୍ଷେପ ନିଆଯାଇଥିବା ସମ୍ପର୍କରେ ଏସପି ସାଗରିକା ନାଥ ସୂଚନା ପ୍ରଦାନ କରିଛନ୍ତି ।



सी0आर0पी0एफ0 सदा अजेय, भारत माता की जय।